RNI No.ODIODI/2010/33031
୧୭ ବର୍ଷ Volume-17
ISSUE -08 ସଂଖ୍ୟା-୦୮
ଭୁବନେଶ୍ୱର, ଗୁରୁବାର ୧୨ ମାର୍ଚ୍ଚ ୨୦୨୬
Bhubaneswar,Thursday 12 March, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

୧୩ ବର୍ଷ ହେଲା କୋମାରେ ଥିବା ହରିଶଙ୍କୁ ଇଚ୍ଛାମୃତ୍ୟୁ

ନୂଆଦିଲ୍ଲୀ, ୧୧।୩(ନି.ପ୍ର.): ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ଦୀର୍ଘ ୧୩ ବର୍ଷ ହେଲା ସଂପୂର୍ଣ୍ଣ ଭାବେ ନିସ୍ତେଜ ହୋଇ ରହିଥିବା ୩୨ ବର୍ଷୀୟ ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ଆଜି ସୁପ୍ରିମକୋର୍ଟ ଦେଇଛନ୍ତି ଐତିହାସିକ ରାୟ। ୧୩ ବର୍ଷ ହେଲା କୋମାରେ ରହିଥିବା ୩୨ ବର୍ଷୀୟ ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁକୁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଥମଥର ପାଇଁ ସୁପ୍ରିମକୋର୍ଟ ଦେଶରେ କୌଣସି ରୋଗୀଙ୍କ ପରିବାର ପକ୍ଷରୁ ଏପରି ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଆବେଦନ ଉପରେ ମୋହର ମାରିଛନ୍ତି।

୨୦୧୮ରେ ନିଷ୍କ୍ରୀୟ ଇଚ୍ଛାମୃତ୍ୟୁର ଆଇନଗତ ବୈଧତାକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟର ଏକାଧିକ ବିଷୟବସ୍ତୁ ଉପରେ ମଧ୍ୟ ଆଜି ସ୍ପଷ୍ଟତା ଆସିଛି। ଏହା ଉପରେ ସ୍ପଷ୍ଟୀକରଣ ଦେବା ସହ ଜଷ୍ଟିସ ଜେବି ପାର୍ଡିୱାଲା ଓ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ବେଶ ଭାବବିହ୍ୱଳ ହୋଇଥିଲେ। ଏହାପରେ ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ଆବେଦନ ଉପରେ ମୋହର ମାରିଛନ୍ତି।

ଆଜିର ରାୟ ଐତିହାସିକୟ କାରଣ ୨୦୧୮ରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ ଜାରି କରିଥିବା ଗାଇଡଲାଇନକୁ ଏହା ଆଗକୁ ନେବାରେ ସହାୟକ ହେବ। କେମିତି ଖାଦ୍ୟ ନଳୀ ବା ଫିଡିଂ ଟ୍ୟୁବ୍ ଦ୍ୱାରା ଜୀବନ ବିତାଉଥିବା ଜଣେ ରୋଗୀଙ୍କ କ୍ଷେତ୍ରରେ ପାସିଭ ବା ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଲାଗୁ ହେବ, ସେକଥା ହରିଶ ରାଣାଙ୍କ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ ସ୍ପଷ୍ଟ ହୋଇଛୟ ପୂର୍ବ ରାୟରେ ଏହି ପ୍ରସଙ୍ଗରେ ସ୍ପଷ୍ଟତା ନଥିଲା।

ହରିଶ ରାଣା ମାମଲା ସଂପୂର୍ଣ୍ଣ ଭାବେ ବିରଳ। କାରଣ ଚିକିତ୍ସା ବିଶେଷଜ୍ଞଙ୍କ ମତରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ଅପରିହାର୍ଯ୍ୟ। କିନ୍ତୁ ତାଙ୍କ ଜୀବନ ମେଡିକାଲ ଟ୍ୟୁବ୍ ଦ୍ୱାରା ଦିଆଯାଉଥିବା ଖାଦ୍ୟ ଉପରେ ନିର୍ଭରଶୀଳ ରହିଥିଲା। ୨୦୧୮ରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ ଏହାକୁ ବିଚାରକୁ ନିଆଯାଇ ନଥିଲା। ଫଳରେ ଜୀବନ ରକ୍ଷାକାରୀ ମେସିନ ଯଥା ଭେଣ୍ଟିଲେଟର ପ୍ରତ୍ୟାହାର କରି ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ଦେବାରେ ହସ୍ପିଟାଲକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲେ।

ଖାସ ଏହି କାରଣ ପାଇଁ ହରିଶ ରାଣାଙ୍କ ପରିବାର ଲୋକ କୋର୍ଟ ଯାଇଥିଲେ। ବାପା ମା'ଙ୍କ ଅସହାୟତାକୁ ଶୁଣିବା ପରେ ସୁପ୍ରିମକୋର୍ଟ ହରିଶ ରାଣାଙ୍କ ହସ୍ପିଟାଲରେ ଚିକିତ୍ସା ଉପରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଚକିତ୍ସା ବନ୍ଦ ହେବା ପରେ ୩୨ ବର୍ଷୀୟ ହରିଶ ରାଣା ସମ୍ମାନଜନକ ମୃତ୍ୟୁ ପାଇବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ନିଜ ରାୟରେ ଖଣ୍ଡପୀଠ ଜୀବନ ଓ ମୃତ୍ୟୁର ଜଟିଳତାକୁ ଉଲ୍ଲେଖ କରିଛନ୍ତି। ଖଣ୍ଡପୀଠ ଆମେରିକୀୟ ଧର୍ମପ୍ରଚାରକ ହେନରୀ ୱାର୍ଡ ବିଚରଙ୍କ ଶବ୍ଦର ଉଦାହରଣ ଦେଇ କହିଛନ୍ତି ଯେ ଭଗବାନ କେବେ ହେଲେ ବି କାହାକୁ ସେ ଜୀବନ ସ୍ୱୀକାର କରିବ କି ନାହିଁ ପଚାରନ୍ତି ନାହିଁ। ଏହା କୌଣସି ବିକଳ୍ପ ବା ପସନ୍ଦ ନୁହେଁୟ ଆପଣଙ୍କୁ ଏହା ସ୍ୱୀକାର କରିବାକୁ ହିଁ ପଡ଼ିବ। ପ୍ରଶ୍ନ କେବଳ ଏତିକି ଯେ କେମିତି ? ଖଣ୍ଡପୀଠ ରାୟ ଦେବା ବେଳେ ଶେକସ୍ପିୟରଙ୍କ ପ୍ରସିଦ୍ଧ ଡିଲେମା 'ବଞ୍ଚିବା କିମ୍ବା ନ ବଞ୍ଚିବା' କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ଏହି ସମୟରେ ଖଣ୍ଡପୀଠ କହିଛନ୍ତି ଜୀବନର ଅନ୍ତିମ କ୍ଷଣ ସହ ଜଡ଼ିତ ମାମଲାର ଫୈସଲା କରିବା ସମୟରେ କୋର୍ଟଙ୍କୁ ବେଳେବେଳେ ଏଭଳି କଠିନ ପ୍ରଶ୍ନର ସାମ୍ନା କରିବାକୁ ପଡ଼ିଥାଏ।ଶେଷରେ ହରିଶ ରାଣାଙ୍କ ମାମଲାର ପ୍ରମୁଖ ପ୍ରସଙ୍ଗ ଉପରେ ମଧ୍ୟ ସ୍ପଷ୍ଟୀକରଣ ଦେଇଛନ୍ତି ଖଣ୍ଡପୀଠ। କୋର୍ଟ କହିଛନ୍ତି ଯେ ନଳୀ ଦ୍ୱାରା ଖାଦ୍ୟ ଦେବା ସମେତ ଡାକ୍ତରୀ ଉପାୟରେ ଦିଆଯାଉଥିବା ପୋଷକ ଆଦି ଚିକିତ୍ସା ପ୍ରକ୍ରିୟା ଭିତରେ ଆସୁଛି। ଏଭଳି ପୋଷକକୁ ଯଦି ପ୍ରାଥମିକ ଓ ମାଧ୍ୟମିକ ଚିକିତ୍ସା ବୋର୍ଡ ରୋଗୀଙ୍କ ସର୍ବୋତ୍ତମ ହୀତ ସାଧାନ କରୁ ନାହିଁ, ତା'ହେଲେ ସେଗୁଡ଼ିକୁ ପ୍ରତ୍ୟାହାର କରି ନେବାରେ କୌଣସି ଅସୁବିଧା ନାହିଁ।

ହରିଶ ହେଉଛି ଦିଲ୍ଲୀର ମହାବୀର ଏନକ୍ଲେଭର ବାସିନ୍ଦାୟ କିଶୋର ଅବସ୍ଥାରେ ସେ ଉଚ୍ଚ ଶିକ୍ଷା ପାଇଁ ଚଣ୍ଡିଗଡ଼ ଯାଇଥିଲେ। ହେଲେ ରାଣାଙ୍କ ପାଇଁ ୨୦୧୩ ଅଗଷ୍ଟ ୨୦ରେ ସତେ ଯେମିତି ଦୁନିଆ ଭୁଶୁଡ଼ି ପଡ଼ିଥିଲା। ସେ ଭଡ଼ାରେ ରହୁଥିବା ବିଲଡିଂର ୪ର୍ଥ ମହଲାର ବାଲକୋନୀରୁ ସିଧା ତଳକୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲେ। ଏଥିଯୋଗୁ ୧୦୦% ଅକ୍ଷମ ହୋଇ ଯାଇଥିଲେ ହରିଶ।

ମୁଖ୍ୟ ପ୍ରଶାସକଙ୍କ ରଥ ଯାତ୍ରା ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା ବୈଠକ

ପୁରୀ, ୧୧।୩(ନି.ପ୍ର):: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଜି ନିର୍ମାଣ କାର୍ଯ୍ୟ ସମୀକ୍ଷା ଅବସରରେ ଡଭମମ ଦ୍ୱାରା ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ବିଶେଷ କରି ଶ୍ରୀଗୁଣ୍ଡିଚ ମନ୍ଦିରରେ ହାତକୁ ନିଆଯାଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି

ସମ୍ପର୍କରେ ଆଲୋଚନା କରିଛନ୍ତି ଏହା ସହ ସମସ୍ତ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ଅବଧି ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀଗୁଣ୍ଡିଚ ମନ୍ଦିରରେ ନିର୍ମାଣାଧୀନ ସମସ୍ତ କାର୍ଯ୍ୟ ୧୦ଏପ୍ରିଲ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନୀତି ଶୃଙ୍ଖଳା ପାଇଁ ସେବାୟତ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ପ୍ରତି ସପ୍ତାହର ନୀତି ବୁଧବାର ଅନୁଷ୍ଠିତ ହେଉଥିବା ନୀତି ସମନ୍ୱୟ ବୈଠକରେ ସମୀକ୍ଷା ପାଇଁ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହ ଆଗାମୀ ରଥଯାତ୍ରା ରେ ରଥ ନିର୍ମାଣ ପାଇଁ ଆବଶ୍ୟକୀୟ ହେଉଥିବା ରଥ କାଠ ଓ ରଥର ବ୍ରେକ ପାଇଁ ଆବଶ୍ୟକୀୟ ଶାଳ କାଠ ଯୋଗାଣ ସମ୍ପର୍କରେ ନୟାଗଡ଼ ବନଖଣ୍ଡର ଡିଏଫଓଙ୍କ ସହିତ ଆଲୋଚନା କରି ଯୋଗାଣ ତ୍ୱରାନ୍ୱି କରିବାକୁ ନିର୍ଦ୍ଦେଶ ଦେବାସହ ରଥ ଟଣା ପାଇଁ ଅଧିକ ଏକ ସେଟ୍ ରଥ ଟଣା ଦଉଡ଼ି ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇ ପ୍ରଶାସକ ଛନ୍ତି ମୁଖ୍ୟ

ରାଜ୍ୟର ଆଉ ୪ ଜିଲ୍ଲାରେ ଖୋଲିବ ଚଉଳ ଏଟିଏମ୍

ଭୁବନେଶ୍ୱର, ୧୧।୩(ନି.ପ୍ର.): ରାଜ୍ୟର ଆଉ ୪ ଜିଲ୍ଲାରେ ଖୋଲିବ ଚଉଳ ଏଟିଏମ। ସେହି ଜିଲ୍ଲାଗୁଡ଼ିକ ହେଉଛି- ଝାରସୁଗୁଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳ। ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ କହିଛନ୍ତି, ରାଜ୍ୟରେ ପ୍ରଥମ ଚଉଳ ଏଟିଏମ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ମଞ୍ଚେଶ୍ୱରରେ ଖୋଲାଯାଇଛି। ନିକଟ ଭବିଷ୍ୟତରେ ରାଜ୍ୟରେ ଆହୁରି ୪ଟି ଜିଲ୍ଲା- ଝାରସୁଗୁଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳରେ ଗୋଟିଏ ଲେଖାଏ ଚଉଳ ଏଟିଏମ ଖୋଲାଯିବାର ବ୍ୟବସ୍ଥା କରାଯାଉଛି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ମଞ୍ଚେଶ୍ୱରରେ ଖୋଲାଯାଇଥିବା ଚଉଳ ଏଟିଏମ୍ ଜିଆଇରେ ୨୦୨୪ ଜୁଲାଇ ମାସରୁ ଏଯାଏ ୨୦୨୧୭ ଜଣ ରାସନ କାର୍ଡଧାରୀ ମୋଟ ୩ ହଜାର ୮ ଶହ ୦୫ କ୍ୱିଣ୍ଟାଲ ୧୪ କିଲୋଗ୍ରାମ ଚଉଳ ଉଠାଣ କରାଯାଇଛି। ଏହି ଚଉଳ ଏଟିଏମ ବିଶ୍ୱଖାଦ୍ୟ ସଂସ୍ଥା ଦ୍ୱାରା ପ୍ରୟୋଜିତ ଅଟେୟ ଏ ବାବଦରେ ରାଜ୍ୟ ସରକାର ୨୦୨୫-୨୬ ବଜେଟରେ କୌଣସି ବ୍ୟୟବରାଦ କରି ନାହାନ୍ତି।

ଡାହୁକ

ଟ୍ରମ୍ପ ଧରିଲେ ଇପିସ୍ଟିନ ଛାଟ
ଆତ୍ମରକ୍ଷା ପାଇଁ, ଆତ୍ମ ଘୋଷିତ
ବିଶ୍ୱ ଗୁରୁଙ୍କର, ମାଙ୍କଡ଼ ନାଟ
ନାହିଁ ଆଉ ଅନ୍ୟ ବାଟ
ବତିଶି ଇଷ୍ଟିଆ ଛାତି କି ଚୂଳକୁ?
କଲିଜାଟା ପରା ଛୋଟ |

- ବିଧୁ

ରାଜ୍ୟର ସବୁ ଜିଲ୍ଲାରେ ଏମଏସ୍‌ଏମଇ ପାର୍କ

ଭୁବନେଶ୍ୱର, ୧୧।୩(ନି.ପ୍ର): ରାଜ୍ୟର ସବୁ ଜିଲ୍ଲାରେ ହେବ ଗଝଗର ପାର୍କ, ଯାହା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିବୟ ଏନେଇ ଆଜି (ବୁଧବାର) ଦିନ ଗଝଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ ସୂଚନା ଦେଇ ଉଦ୍ୟୋଗୀତା ଏବଂ ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ କହିବାନୁଯାୟୀ, ୧୪ଟି ଜିଲ୍ଲାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି, ଯେତେବେଳେ ଅନ୍ୟ ୪ ରୁ ୫ଟି ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ଏପ୍ରିଲ ସୁଦ୍ଧା ଶେଷ ହେବ। ଇ-ପାର୍କଗୁଡ଼ିକ ଏମଏସଏମଇ ପାଇଁ ଉତ୍ସର୍ଗୀକୃତ ସ୍ଥାନ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଦ୍ୱାରା ଉତ୍ତମ ସୁବିଧା ଏବଂ ସୁଗମ କାର୍ଯ୍ୟ ସୁନିଶ୍ଚିତ ହୋଇପାରିବ।ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ପ୍ରତ୍ୟେକ ଇ-ପାର୍କରେ ୪୦ ରୁ ୫୦ ପ୍ରତିଶତ ଜମି ସ୍ଥାନୀୟ ବିକ୍ରେତାଙ୍କୁ ଆବଣ୍ଟିତ କରାଯିବ, ଯାହା ତୃଣମୂଳ ସ୍ତରରେ ଅଂଶଗ୍ରହଣକୁ ଉତ୍ସାହିତ କରିବ ଏବଂ ଛୋଟ ବ୍ୟବସାୟକୁ ସମର୍ଥନ କରିବ। ଏହି ପଦକ୍ଷେପର ଲକ୍ଷ୍ୟ ଏମଏସ୍‌ଏମଇ ପାଇଁ ଏକ ଦୃଢ଼ ଇକୋସିଷ୍ଟମ ସୃଷ୍ଟି କରିବା, ଯାହା ସେମାନଙ୍କୁ ଭିତ୍ତିଭୂମି, ସମ୍ବଳ ଏବଂ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବାକୁ ସକ୍ଷମ କରିବ।

ବନ ବିଭାଗର ୩ କର୍ମଚାରୀ ନିଲମ୍ବିତ

କେନ୍ଦୁଝର, ୧୧।୩(ନି.ପ୍ର.): କର୍ତ୍ତବ୍ୟରେ ଅବହେଳା ପାଇଁ ୩ ବନ କର୍ମଚାରୀ ସସପେଣ୍ଡ ହୋଇଛନ୍ତି। କେନ୍ଦୁଝର ବନବିଭାଗ ମୁଖ୍ୟାଳୟରେ ଅନୁପସ୍ଥିତି ଓ ଅଗ୍ନି ପରିଚାଳନାରେ ଅବହେଳା ଯୋଗୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କେନ୍ଦୁଝର ଫରେଷ୍ଟର ପ୍ରମୋଦ ବେହେରାଙ୍କୁ ନିଲମ୍ବନ କରାଯାଇଛି।ଏହାସହ ଘଟଗାଁ ଫରେଷ୍ଟର ବିଶ୍ୱରଞ୍ଜନ ମିଶ୍ର ଓ ଫରେଷ୍ଟ ଗାର୍ଡ ହୃଦାନନ୍ଦ ମହାନ୍ତି ନିଲମ୍ବିତ ହୋଇଛନ୍ତି। ଜଙ୍ଗଲ ଅଗ୍ନି ପରିଚାଳନା ଏବଂ ଫସଲ କ୍ଷତି ଆକଳନ ସହିତ ଜଡିତ କର୍ତ୍ତବ୍ୟରେ ଅବହେଳା ଏବଂ ପ୍ରଶାସନିକ ତ୍ରୁଟି ପାଇଁ ସେମାନଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଫରେଷ୍ଟର ପ୍ରମୋଦ ବେହେରାଙ୍କୁ ଜଙ୍ଗଲ ଅଗ୍ନି ପରିଚାଳନାରେ ପ୍ରଶାସନିକ ଅବହେଳା ଏବଂ ଶିଥିଳତା ପାଇଁ ନିଲମ୍ବନ କରାଯାଇଛି।

ଓଏଏସ୍ ବାବୁଙ୍କ ବ୍ୟାଙ୍କରେ ୭ କୋଟିରୁ ଅଧିକ

ରେଡ୍ ବେଳେ ଘରୁ ନଗଦ ୨ ଲକ୍ଷ ଟଙ୍କା ଜବତ କଲା ଭିଜିଲାନ୍ସ

କଟକ, ୧୧।୩(ନି.ପ୍ର.): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ। ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ସମେତ ମୋଟ ୭ଟି ଠିକଣାରେ ଚାଉ କରାଯାଇଛି।

ଚଢ଼ାଉ ସମୟରେ ତହସିଲଦାର ପ୍ରସନ୍ନ ସାମନ୍ତରାୟ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ଦୁଇଟି ତିନି ମହଲା କୋଠା ଏବଂ ୭ଟି ଦାମୀ ଫ୍ଲାଟ୍ ଠାବ କରିଛି ଭିଜିଲାନ୍ସ। ତାଙ୍କ ଘରୁ ନଗଦ ୨ ଲକ୍ଷ ୧୫ ହଜାର ୮୯୦ ଟଙ୍କା ଜବତ କରାଯାଇଥିବା ବେଳେ ତାଙ୍କର ଗୋଟିଏ କାର (ମାରୁତି ବ୍ରେଜା) ଓ ୩ଟି ଦୁଇ ଚକିଆ ଗାଡ଼ି ଅଛି। ସେହିପରି ବ୍ୟାଙ୍କ ଓ ଡାକ ଘରେ ସେ ଟଙ୍କା ଜମା ରଖିଛନ୍ତି। ଏହା ବାଦ୍ ଅନ୍ୟାନ୍ୟ ନିବେଶ କରିଛନ୍ତିୟ ଏନେଇ ଖୋଳତାଡ଼ ଜାରି ରହିଛି।

ପ୍ରସନ୍ନ ସାମନ୍ତରାୟଙ୍କ ଦୁଇଟି ଯାକ ତିନି ମହଲା କୋଠା ଭୁବନେଶ୍ୱରର ସହିଦ ନଗର ଥାନା କେଶୁରାରେ ରହିଛି। ସେଥିରୁ ଗୋଟିଏ ୪୦୬୫ ବର୍ଗଫୁଟ୍ ଜାଗାରେ ତିଆରି ହୋଇଛ। ଅନ୍ୟ କୋଠାଟି ନିର୍ମାଣାଧୀନ ରହିଛି। ନିର୍ମାଣାଧୀନ କୋଠାଟି ୬୭୫୦ ବର୍ଗଫୁଟ୍ ଜାଗାରେ ରହିଛି। ସେହିପରି ତାଙ୍କର ସମସ୍ତ ୭ଟି ଫ୍ଲାଟ ଭୁବନେଶ୍ୱରରେ ରହିଛି। ସେଥିରୁ ୩ଟି ସହିଦ ନଗର ଥାନା କେଶୁରାରେ ଅଛିୟ ତାଙ୍କର ଏହି ଦୁଇ କୋଠା ଓ ଫ୍ଲାଟଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ କରାଯାଉଛି।

୨୦୦୦ ମସିହା ଜାନୁଆରୀ ମାସ ୨୧ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ପ୍ରସନ୍ନ ସାମନ୍ତରାୟୟ ସେ ଲୋକାଲ ଫଣ୍ଡ ଅଡିଟର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେୟ ତାଙ୍କର ପ୍ରାରମ୍ଭିକ ଦରମା ଥିଲା ୫ ହଜାର ୧୩୦ ଟଙ୍କା।

ତହସିଲଦାର ଶ୍ରୀ ସାମନ୍ତରାୟ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଭୁବନେଶ୍ୱର ସ୍ଥିତ ଦୁଇ କୋଠା ସହିତ ପୁରୀ ଜିଲ୍ଲା ଗଡ଼ିଶାଗୋଦା ଥାନା ଦୁଛିଆ। ଗ୍ରାମ ସ୍ଥିତ ତାଙ୍କ ପୈତୃକ ଘରେ, ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଥିବା ତାଙ୍କ ସଂପର୍କୀୟଙ୍କ ଘରେ, କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଞ୍ଚଳରେ ଥିବା ତାଙ୍କର ଅନ୍ୟ ଜଣେ ସଂପର୍କୀୟଙ୍କ ଘରେ, କଣ୍ଟାପଡ଼ା ସ୍ଥିତ ଅଫିସ୍ ଚାମ୍ବର ଓ ସରକାରୀ ବାସଭବନରେ ଚାଉ କରାଯାଇଥିଲାୟ ଏହି ଚାଉରେ ଭିଜିଲାନ୍ସର ୨ ଜଣ ଅତିରିକ୍ତ ଏସ୍ପି, ୮ ଜଣ ଡିଏସ୍ପି, ୧୧ ଜଣ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେୟ କଟକର ସ୍ପେଶାଲ ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା।

ଗ୍ରୀଷ୍ମ ଆରମ୍ଭରୁ ତାତି ଅସମ୍ଭାଳ

ଝାରସୁଗୁଡାରେ ୩୯ ଡ଼ିଗ୍ରୀ ଟପିଲା ତାପମାତ୍ରା

ଭୁବନେଶ୍ୱର, ୧୧।୩(ନି.ପ୍ର.): ଗ୍ରୀଷ୍ମ ଆରମ୍ଭରୁ ଏବେ ତାତି ଅସମ୍ଭାଳ ହେଲାଣି। କେବଳ ଓଡ଼ିଶା କିମ୍ବା ଭାରତରେ ନୁହେଁ, ବରଂ ବିଶ୍ୱବ୍ୟାପୀ ତାପମାତ୍ରା ଏକ ଚିନ୍ତାଜନକ ହାରରେ ବୃଦ୍ଧି ପାଉଛି। ଯେଉଁ ସ୍ଥାନଗୁଡ଼ିକରେ ପୂର୍ବରୁ ମଧ୍ୟମ ଜଳବାୟୁ ଥିଲା, ସେଗୁଡ଼ିକ ଏବେ ଯଥେଷ୍ଟ ଅଧିକ ପରିମାଣରେ ରେକର୍ଡ ହେଉଛି, ଯାହା ବ୍ୟାପକ ଚିନ୍ତା ସୃଷ୍ଟି କରୁଛିୟ ମଙ୍ଗଳବାର ଦିନ, ଝାରସୁଗୁଡା ଜିଲ୍ଲାରେ ଦିନର ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ଅତିକ୍ରମ କରି ୩୯.୨ ଡିଗ୍ରୀରେ ପହଞ୍ଚିଥିଲା, ଯାହା ଏହି ଚଳିତବର୍ଷର ଗ୍ରୀଷ୍ମପ୍ରବାହର ରେକର୍ଡ ବୋଲି କହିବା। ରାଜ୍ୟର ପାଗ ବର୍ତ୍ତମାନ ମୁଖ୍ୟତଃ ଶୁଖିଲା ରହିଥିବାରୁ, ଆଞ୍ଚଳିକ ପାଣିପାଗ କେନ୍ଦ୍ର ମାର୍ଚ୍ଚ ୧୧ ତାରିଖରୁ ତାତିରେ ତୀବ୍ର ବୃଦ୍ଧି ପାଇବାର ପୂର୍ବାନୁମାନ କରିଛି। ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି ଯେ ଗ୍ରୀଷ୍ମ ପ୍ରବାହ ତୀବ୍ର ହେବ, ଯାହା ଫଳରେ ସମଗ୍ର ଅଞ୍ଚଳରେ ଦିନର ତାପମାତ୍ରା ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ପୂର୍ବାନୁମାନ ଅନୁଯାୟୀ, ବୁଧବାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ଗରମ ଅନୁଭୂତ ହେବ, ତାପମାତ୍ରା ୩୭ ରୁ ୪୦ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବୟ ଗୁରୁବାରଠାରୁ, ସାରା ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ ବୋଲି ଆଶା କରାଯାଉଛି, ଝାରସୁଗୁଡା, ସୁନ୍ଦରଗଡ ଏବଂ ସମ୍ବଲପୁର ସହରଗୁଡ଼ିକ ଏହି ସୀମା ଅତିକ୍ରମ କରିପାରେ। ଶୁକ୍ରବାର ଦିନ ନୂଆପଡା, ଟିଟଲାଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡରେ ସମାନ ପରିସ୍ଥିତି ଅନୁମାନ କରାଯାଉଛି, ଯେଉଁଠାରେ ତାପମାତ୍ରା ୪୦ ଡିଗ୍ର